## ଚନ୍ଦନେଶ୍ୱରଙ୍କ ଚଡ଼କ ପର୍ବର ଦ୍ୱିତୀୟ ଅର୍ଘ୍ୟ

# ଉପବୀତ ଧାରଣ କଲେ ଲକ୍ଷାଧିକ ଭକ୍ତ

ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର/ ଭୋଗରାଇ,୧୨।୪(ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ହୁଗୁଳି ଗ୍ରାମରେ ଅଧିଷ୍ଠିତ ପୂର୍ବ ଭାରତର ପ୍ରସିଦ୍ଧ ଆଶୁତୋଷ ବାବା ଚନ୍ଦନେଶ୍ୱର ମହାଦେବଙ୍କ ପୀଠରେ ଚଡ଼କ ପର୍ବର ଦ୍ୱିତୀୟ ଅର୍ଘ୍ୟ ପ୍ରଦାନ ଶାନ୍ତି ଶୃଙ୍ଖଳାରେ ସମାପନ ହୋଇଛି। ଏଥିସହିତ ଚଳିତ ବର୍ଷର ତିଥି ମୁତାବକ ଏହି ଉତ୍ସବର ଅନ୍ୟତମ ମୁଖ୍ୟ ଶିବ କାମୀନା ବିବାହ ଓ ନୀଳପର୍ବ ମହା ଆଡମ୍ବରରେ ଶେଷ ହୋଇଛି। ସୋମବାର ଅନୁଷ୍ଠିତ ହେବ ପାଟ ପର୍ବ। ଆଜିର ଏହି ଅଲୌକିକ ପରବରେ ଓଡ଼ିଶା ସମେତ ପଡ଼ୋଶୀ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବିହାରରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି ଚନ୍ଦନେଶ୍ୱର ଶୈବ ପୀଠ। ଏହା ଛଡ଼ା ଆଜି ପ୍ରତ୍ୟୁଷରୁ ସନ୍ଧ୍ୟା ପର୍ଯ୍ୟନ୍ତ ମହାଦେବଙ୍କ ଉଦ୍ଦେଶ୍ୟରେ ଓଷା ରଖି ଲକ୍ଷ ଲକ୍ଷ ସ୍ଥାନୀୟ ମହିଳା, ପୁରୁଷ ଶ୍ରଦ୍ଧାଳୁ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଉପବୀତଧାରୀଙ୍କ ସମେତ ପାଞ୍ଚ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଜଣାପଡ଼ିଛି।

ଅନ୍ୟ ଶୈବପୀଠରେ ବାବା ଶିବ ଲିଙ୍ଗ ରୂପରେ ପୂଜା ପାଉଥିବା ବେଳେ ଏଠାରେ ଅଦୃଶ୍ୟ ଦେବତା ଜଳଯନ୍ତ୍ର ଭାବରେ ପୂଜା ପାଉଛନ୍ତି। ବୃଦ୍ଧାଙ୍ଗୁଳି ପ୍ରାୟ ବାରଗୋଟି ଲିଙ୍ଗ ଜଳଯନ୍ତ୍ର ମଧ୍ୟରେ ବିରାଜିତ ହୋଇଥିବା ବେଳେ ଗୋଟିଏ ହଂସ ନିଜ ଥଣ୍ଟରେ ଏକ ପଦ୍ମଫୁଲ ଧାରଣ କରି ଏହି ଲିଙ୍ଗଗୁଡ଼ିକ ଉପରେ ବସିଛନ୍ତି। ଚତୁଃପାଶ୍ୱର୍ରେ ଦଶ ମହାବିଦ୍ୟାଙ୍କ ମୂର୍ତ୍ତି ସ୍ଥାପିତ ହୋଇଛି। ତାରା, କାଳୀ, ବିଦ୍ୟା, ଷୋଡ଼ଶୀ, ଭୈରବୀ, ମାତଙ୍ଗୀ, ଭୁବନେଶ୍ୱରୀ, ବଗଲାମୁଖୀ, ଧୂମାବତୀ ଓ ଛିନ୍ନମସ୍ତା ଉଚ୍ଚ ଦଶବିଦ୍ୟା ଉପରେ ବିରାଜମାନ ହୋଇଛନ୍ତି। ଏହି ଅଦୃଶ୍ୟ ଦେବତାଙ୍କ କରୁଣା ଲାଭ ପାଇଁ ବର୍ଷକ ବାର ମାସ ବାବା ଚନ୍ଦନେଶ୍ୱରଙ୍କ ଶୈବପୀଠ ଲୋକାରଣ୍ୟ ହୋଇଥାଏ। ବାବା ଚନ୍ଦନେଶ୍ୱର ମହାଦେବଙ୍କ ସାମ୍ବତ୍ସରିକ ଉତ୍ସବ ଭାବେ ଚୈତ୍ର ମାସର ୧୯ ଦିନ ଏପ୍ରିଲ ୩ ତାରିଖ ଶୁକ୍ରବାର ପାଖରୁ ୧୧ ଦିନ ଧରି ପ୍ରସିଦ୍ଧ ଚଡ଼କ ପର୍ବ ପାଳିତ ହେଉଛି। ଏହି ସମୟରେ ବାବା ଚନ୍ଦନେଶ୍ୱର ମହାଦେବ ପ୍ରତ୍ୟକ୍ଷ ଭାବେ ଏଠାରେ ଅବସ୍ଥାନ କରନ୍ତି ବୋଲି କିମ୍ବଦନ୍ତୀ ରହିଛି। ଫଳରେ ପବିତ୍ର ଚଡକ ପର୍ବର ୧୧ ଦିନ ଏହି ପୀଠକୁ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବିହାର ଆଦି ରାଜ୍ୟରୁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥାଏ। 'ଶିବ-କାମୀନା' ବିବାହ ପାଇଁ ପ୍ରାତଃ ସମୟରୁ ପାଟଭକ୍ତ ହରିଶ୍ଚନ୍ଦ୍ର ସାହୁ, ଶ୍ରୀବେକଡି ନିରଞ୍ଜନ ଲେଙ୍କା, ଦେଉଳିଆ ଅଜିତ ପାତ୍ର ଓ ୧୩ ଜଣ ମୁଖ୍ୟ ଉପବିତଧାରୀ ଭକ୍ତଙ୍କ ସମେତ ମୋଦରସୀ ତପନ କୁମାର ପଣ୍ଡା, ଉପମୋଦରସୀ ବୁଦ୍ଧଦେବ ପଣ୍ଡା, ସମସ୍ତ ସେବାୟତ ପରିବାର ଏବଂ ହଜାର ହଜାର ଉପବିତଧାରୀ ଭକ୍ତ ଆଶୁତୋଷ ଶିବଙ୍କ ଚଳନ୍ତି ଘଟ ନେଇ ଶୋଭାଯାତ୍ରାରେ ଭଙ୍ଗପୁର ଗ୍ରାମର ମାଳାକାର ଗଣେଶ ପଣ୍ଡିତଙ୍କ ଘର ପାଖରେ ଥିବା ଦୁର୍ଗାଦେବୀଙ୍କ ମନ୍ଦିରରେ ପହଞ୍ଚି ଥିଲେ। ସେଠାରେ କୌଳିକ ନୀତିକାନ୍ତି ଓ ସେବାପୂଜା ପରେ ମାତା କାମୀନା ଠାକୁରାଣୀଙ୍କ ସୁସଜ୍ଜିତ ଘଟକୁ ଶିବଙ୍କ ଘଟ ସହିତ ବାଉଁଶରେ ପ୍ରସ୍ତୁତ ସୁସଜ୍ଜିତ ପାଲିଙ୍କିରେ ନେଇ ବାଣ, ରୋଷଣି ଓ ପାରମ୍ପରିକ ବାଦ୍ୟଯନ୍ତ୍ରର ତାଳେ ତାଳେ ଚନ୍ଦନେଶ୍ୱରଜିଉଙ୍କ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପରେ ରୁଦ୍ଧଦ୍ୱାର ମନ୍ଦିରରେ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁଯାୟୀ ଶିବ-କାମୀନା ବିବାହ ସମ୍ପନ୍ନ ହୋଇଥିଲା। ହିନ୍ଦୁଶାସ୍ତ୍ର ଅନୁଯାୟୀ ଚୈତ୍ର ମାସରେ ବିବାହ ନିଷିଦ୍ଧ ହୋଇଥିଲାବେଳେ ଭଗବାନ ଶିବଙ୍କ ଏହି ବୈଚିତ୍ର୍ୟମୟ ବିବାହ ଏକ ଅଧ୍ୟାତ୍ମିକ ଆକର୍ଷଣ ସୃଷ୍ଟି କରିଥାଏ।

**ଶିବ/କାମୀନା ବିବାହ ଓ ନୀଳପର୍ବ ସମାପନ**

ଭୋଳାନାଥ ଶିବଙ୍କୁ ପତି ରୂପରେ ପାଇବା ପାଇଁ ରାକ୍ଷସ କୂଳରେ ଜନ୍ମିତ ଅସୁରୁଣୀ କନ୍ୟା ସୁନ୍ଦରୀ କାମୀନା କଠୋର ତପସ୍ୟା କରିଥିଲେ। ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଭୋଳାନାଥ ଶଙ୍କର କାମୀନାଙ୍କୁ ବରଦାନ ଦେଇଥିଲେ।

ଆଜି ଦ୍ୱିତୀୟ ଅର୍ଘ୍ୟରେ ଲକ୍ଷାଧିକ ଜନ ସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଏବଂ ଟ୍ରଷ୍ଟ ବୋର୍ଡ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, କଂଗ୍ରେସ ଜିଲ୍ଲା ସଭାପତି ସତ୍ୟଶିବ ଦାସ, ବିଜେପି ନେତା ତଥା ସାଂସଦ ପ୍ରତିନିଧି ଆଶିଷ କୁମାର ପାତ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବ ଜ୍ୟୋତି ଦାଶ, ମନ୍ଦିର ଟ୍ରଷ୍ଟ ବୋର୍ଡର ନିର୍ବାହୀ ଅଧିକାରୀ ତଥା ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ, ତାଳସାରୀ ସାମୁଦ୍ରିକ ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା, ରାଇବଣିଆ ଥାନା ଅଧିକାରିଣୀ ଚମ୍ପାବତୀ ସରେନ, ମୋଦରସୀ ତପନ କୁମାର ପଣ୍ଡା, ଉପମୋଦରସୀ ବୁଦ୍ଧଦେବ ପଣ୍ଡା, ପଞ୍ଚାୟତ ସଦସ୍ୟ ଗୋବିନ୍ଦ ଦାସ ପ୍ରମୁଖ ଏହି ବିବାହ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପରେ ଗ୍ରାମ୍ୟ ପରିକ୍ରମା ସାରି ମନ୍ଦିରରେ ଚଡ଼କ ନୀତିକାନ୍ତି ସେବାପୂଜା ଓ ମନ୍ଦିର ପରିକ୍ରମା ସମାପନ ପରେ ପାଟଭକ୍ତ ହରିଶ୍ଚନ୍ଦ୍ର ସାହୁ ଶ୍ରୀବେକଡି ନିରଞ୍ଜନ ଲେଙ୍କା ଉପବିତଧାରୀଙ୍କ ଉପରେ ଅର୍ଘ୍ୟ ପାଣି ସିଞ୍ଚନ କରି ଦ୍ୱିତୀୟ ଅର୍ଘ୍ୟ ସମାପନ କରିଥିଲେ।





### ମହାନୀଳ ପର୍ବ

ସେହିପରି ଆଜି ଅପରାହ୍ନରେ ନୀଳ ପର୍ବ ଅନୁଷ୍ଠିତ ହୋଇଥିଲା। ଚନ୍ଦନେଶ୍ୱର ଚଡ଼କ ପର୍ବର ମହାନୀଳ ହେଉଛି ଅନ୍ୟତମ ଆକର୍ଷଣୀୟ ପର୍ବ। ମନ୍ଦିର ପରିସରରେ ଶତାଧିକ ବ୍ରାହ୍ମଣ ଶିବଙ୍କର ପଥର ମୂର୍ତ୍ତି ପ୍ରତିଷ୍ଠା କରି ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ବ୍ରତ ପାଇଁ ପୂଜାର୍ଚ୍ଚନା କରିଥିଲେ। ଜଳଯନ୍ତ୍ର ଆଶୁତୋଷ ବାବା ଭୋଳାଶଙ୍କର ଠାରେ ଉପବିତଧାରୀ, ଭକ୍ତ ଓ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା, ଭକ୍ତି ନୈବେଦ୍ୟ, କ୍ଷୀର ଓ ପଇଡ଼ ଢାଳି ନିଜର ମାନସିକ ପୂରଣ ପାଇଁ ଭକ୍ତି ନିବେଦନ କରିଥିଲେ। ଏହି ମହାନୀଳ ପର୍ବରେ ଅନ୍ୟ ଏକ ରୀତିନୀତି ଅନୁଯାୟୀ ଉପବିତଧାରୀ ଭକ୍ତମାନେ ନୀଳ ପୋଖରୀରେ ବୁଡ଼ ପକାଇବା ସହିତ ଦୀର୍ଘ ସମୟ ଧରି ଶିବ-ଦୁର୍ଗାଙ୍କ ଚଳନ୍ତି ପ୍ରତିଭୂ ସ୍ୱରୂପ ସ୍ତମ୍ଭିକାଠ ଖୋଜିଥିଲେ। ପରେ ସ୍ତମ୍ଭିକାଠକୁ ବୋହି ନେଇ ମନ୍ଦିର ପରିସରକୁ ଆଣିଥିଲେ।

## ନୀଳଗିରି ସବଜେଲରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ନୀଳଗିରି,୧୨।୪(ସମିସ): ହତ୍ୟା ଅଭିଯୋଗରେ ବିଚାରାଧୀନ କଏଦୀ ଭାବରେ ନୀଳଗିରି ଜେଲରେ ଥିବା ଜଣେ ଯୁବକଙ୍କ ଆଜି ମୃତ୍ୟୁ ହୋଇଛି। ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ୍ ପାଇକପଡ଼ା ଅନ୍ତର୍ଗତ ତୋଟାପଡ଼ା ଗ୍ରାମର ସ୍ୱର୍ଗତ ଅନାମ ନାଏକଙ୍କ ପୁଅ ଶ୍ରୀକାନ୍ତ ନାଏକ (୪୦) ୨୦୨୧ ଜୁନ୍ ୧୯ ତାରିଖରେ ଏକ ହତ୍ୟା ମାମଲାରେ ଗିରଫ ହୋଇଥିଲେ। ଏ ନେଇ ଔପଦା ଥାନାରେ ୪୩/୨୧ରେ ମାମଲା ରୁଜୁହୋଇ ବାଲେଶ୍ୱର ଜେଲରେ ବିଚାରାଧୀନ ବନ୍ଦୀ ଭାବରେ ରହିଥିଲେ। ତେବେ ଏହି ଘଟଣାରେ ଶ୍ରୀକାନ୍ତଙ୍କୁ ବିଚାରାଧୀନ କଏଦୀ ଭାବେ ରଖାଯାଇଥିଲା। ସେ ୮ ଅକ୍ଟୋବର ୨୦୨୫ରେ ନୀଳଗିରି ଜେଲକୁ ସ୍ଥାନାନ୍ତର ହୋଇ ଆସିଥିଲେ। ତେବେ ଆଜି ତାଙ୍କର ମୃତ୍ୟୁ ହୋଇଯାଇଛି। ହଠାତ୍ ଛାତିରେ ଯନ୍ତ୍ରଣା ଏବଂ ଦେହହାତ ଥରିବାରୁ ଜେଲ କର୍ତ୍ତୃପକ୍ଷ ନୀଳଗିରି ମେଡିକାଲକୁ ଆଣିଥିଲେ। ମାତ୍ର ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇସାରିଥିବା ଡାକ୍ତର ସୂଚନା ଦେଇଛନ୍ତି। ଖବର ଲେଖିଲାବେଳକୁ ମୃତକ ଶ୍ରୀକାନ୍ତଙ୍କ ପରିବାର ନୀଳଗିରି ଜେଲ ପହଞ୍ଚି ନ ଥିବା ବେଳେ ଆସନ୍ତାକାଲି ଶବ ବ୍ୟବଚ୍ଛେଦ ହେବ ବୋଲି ପୁଲିସ ସୂଚନା ଦେଇଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ପୋଷ୍ଟମର୍ଟମ ରିପୋର୍ଟ ଆସିଲେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ। ଅନ୍ୟପକ୍ଷରେ ତାଙ୍କ ଝିଅ ଗୌରୀ ନାୟକ ନୀଳଗିରି ମେଡିକାଲରେ ପହଞ୍ଚି ବାପାଙ୍କର ମୃତ୍ୟୁକୁ ନେଇ ସନ୍ଦେହ କରିବା ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

## ଘରେ କଳାକନା ବୁଲାଇଲେ ଚୋର

ସୋର,୧୨।୪(ସମିସ): ସୋର ଥାନା ଅନ୍ତର୍ଗତ ସବିରା ପଞ୍ଚାୟତର ବାଉଁଶ ଖୁଣ୍ଟା ଗ୍ରାମର ଏକ ପରିବାର ଯାତ୍ରା ଦେଖି ଯାଇଥିବାବେଳେ ଏହାର ସୁଯୋଗ ନେଇ ଚୋର କଳାକନା ବୁଲାଇଛନ୍ତି। ଗତକାଲି ରାତିରେ ଯାତ୍ରା ଦେଖିବା ପାଇଁ ଏହି ଗ୍ରାମର ସଞ୍ଜୟ ମାଝୀଙ୍କ ପରିବାର ଯାଇଥିଲେ। ପରିବାର ସଦସ୍ୟଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଘର ପଛପଟ ତାର ଜାଲି ଡେଇଁ ଦୁଇଟି ଘରର ୬ ଟି ତାଲା ଭାଙ୍ଗି ଦୁଇଟି ଗଡରେଜ୍‌ରୁ ସୁନା ରୁପା ଗହଣା ସହିତ ନଗଦ ଟଙ୍କା ସମେତ ପାଣି ମୋଟର ଚୋରି କରି ନେଇଯାଇଛନ୍ତି। ଚୋରି ସମ୍ପତ୍ତିର ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ସଞ୍ଜୟ ଭୋର ସମୟରେ ଘରକୁ ଆସି ଏହା ଜାଣିପାରି ଗ୍ରାମବାସୀଙ୍କୁ ଡାକିଥିଲେ। ତେବେ ପୁଲିସ ପ୍ରଶାସନ ପ୍ରତି ତାଙ୍କର ଭରସା ନ ଥିବାରୁ ସେ ଏ ବାବଦରେ ଥାନାରେ କୌଣସି ଅଭିଯୋଗ କରି ନଥିବା ସଞ୍ଜୟ କହିଛନ୍ତି।

## ରେମୁଣା ବରିଷ୍ଠ ମଞ୍ଚର ବୈଠକ

# ନିଶାମୁକ୍ତ ରେମୁଣା ଓ ଭତ୍ତା ବୃଦ୍ଧି ଦାବି



ବାଲେଶ୍ୱର,୧୨।୪(ସମିସ): ରେମୁଣା ବରିଷ୍ଠ ମଞ୍ଚର ଏକ ବୈଠକ ନିଜ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ୬୦ରୁ ୭୯ବର୍ଷ ବରିଷ୍ଠଙ୍କୁ ୩ହଜାର ଟଙ୍କା ଭତ୍ତା ପ୍ରଦାନ କରିବା ସହ ରେମୁଣାକୁ ସମ୍ପୂର୍ଣ୍ଣ ଭାବେ ନିଶାମୁକ୍ତି କରିବା ପାଇଁ ଦାବି କରାଯାଇଥିଲା। ମଞ୍ଚର ସଭାପତି ପ୍ରାଧ୍ୟାପକ ବରାଳଙ୍କ ପୌରୋହିତ୍ୟରେ ମାସିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବାଲେଶ୍ୱର ଜିଲ୍ଲାର ମୁଖ୍ୟ ଦ୍ୱାର ରେମୁଣା ଏକ ସମ୍ବେଦନଶୀଳ ଅଞ୍ଚଳ ହୋଇଥିବା ବେଳେ ଏଠାରେ ଫକୀରମୋହନ ମେଡିକାଲ କଲେଜଠାରୁ ଆରମ୍ଭ କରି ସରକାରୀ ପଲିଟେକ୍‌ନିକ, ଇମାମୀ ଜଗନ୍ନାଥ ମନ୍ଦିର ସହ କ୍ଷୀରଚୋରା ଗୋପୀନାଥ ମନ୍ଦିର ଆଦି ବିଭିନ୍ନ ତୀର୍ଥ ସ୍ଥାନ ରହିଛି। ହେଲେ ରାସ୍ତା ପାଶ୍ୱର୍ରେ ବେଆଇନଭାବେ ମଦ, ଗଞ୍ଜେଇ କାରବାର ଖୋଲାଖୋଲି ଚାଲିଛି। ଯାହାଫଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାରୁ ବରିଷ୍ଠ ନାଗରିକ, ମହିଳା, ଶିଶୁଙ୍କ ଉପରେ ଏହାରକୁ ପ୍ରଭାବ ପକାଉଛି। ଏଣୁ ନିଶା କାରବାରକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବାକୁ ଆଲୋଚନା ହୋଇଥିଲା। ଏହାଛଡ଼ା ୬୦ରୁ ୭୯ବର୍ଷର ବରିଷ୍ଠ ନାଗରିମାନେ ଏକ ହଜାର ଟଙ୍କା ଭତ୍ତାରେ ସେମାନଙ୍କର ଗୁଜୁରାଣ ମେଣ୍ଟାଇବା ପାଇଁ କଷ୍ଟ ହେଉଛି। ଏଣୁ ତୁରନ୍ତ ଏ ମାନଙ୍କୁ ୩ହଜାର ଟଙ୍କା ଭତ୍ତା ପ୍ରଦାନ କରାଯାଉ ବୋଲି ଦାବି କରାଯାଇଛି। ଏହି ବୈଠକରେ ମଞ୍ଚର ସଂଗଠନ ସମ୍ପାଦକ ତଥା ସାମ୍ବାଦିକ ଗୋବିନ୍ଦଚନ୍ଦ୍ର ପାଢ଼ୀ, ଶିକ୍ଷାବିତ ଜଳଧର ଦାସ, ଆଇନଜୀବୀ ରାମଚନ୍ଦ୍ର ପାତ୍ର, ପୂର୍ଣ୍ଣଚନ୍ଦ୍ର ଦାସ, ଅବନୀକାନ୍ତ ପ୍ରଧାନ, ହରିମୋହନ ମାଝୀ, ପଦ୍ମଲୋଚନ ପଣ୍ଡା, କୃଷ୍ଣ ମୋହନ ମହାରଣା, ସନ୍ତୋଷ କୁମାରୀ ବେହେରା, ଶିବ ବିନ୍ଧାଣୀ, ବନ ବିହାରୀ ମାର୍ଣ୍ଡା, ସଇଦନ ବିବି, ସୁଧାଂଶୁ କୁମାର ଦତ୍ତ, ଚକ୍ରଧର ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ମଞ୍ଚର ସାଧାରଣ ସମ୍ପାଦକ ନିରଞ୍ଜନ ବେହେରା ଧନ୍ୟବାଦସ ଦେଇଥିଲେ।

## ● ବାବା ଭୁଷଣ୍ଡେଶ୍ୱର ମହାଦେବଙ୍କ ଚଡ଼କ ମେଳା

# ଶିବ-କାମୀନାଙ୍କ ବିବାହ ସହ ମହାନୀଳ ପର୍ବ ସମ୍ପନ୍ନ

ଭୋଗରାଇ,୧୨।୪(ସମିସ): ଭୋଗରାଇ ବ୍ଲକ୍ କୁମ୍ଭୀରଗଡ଼ି ପଞ୍ଚାୟତରେ ଅବସ୍ଥିତ ସର୍ବବୃହତ ଶିବ ଲିଙ୍ଗ ବାବା ଭୂଷଣ୍ଡେଶ୍ୱର ମହାଦେବଙ୍କ ଚଡ଼କ ପର୍ବର ଦ୍ୱିତୀୟ ଅର୍ଘ୍ୟ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଅର୍ଘ୍ୟର ମୁଖ୍ୟ ଆକର୍ଷଣ ଥିଲା ସକାଳରେ ମନ୍ଦିରରେ ବାବା ଭୂଷଣ୍ଡେଶ୍ୱରଙ୍କ ପ୍ରତିଭୁ ଘଟ ସହିତ ଦେବୀ କାମୀନାଙ୍କ ବିବାହ। ବଡ଼ି ଭୋରରେ ଚଡ଼କ ପର୍ବର ମହାନୀଳ ପର୍ବ ଅନୁଷ୍ଠିତ ହୋଇଥିଲା। ହଜାର ହଜାର ଭକ୍ତ ଉପବୀତଧାରୀ ଭକ୍ତ ତଥା ଶ୍ରଦ୍ଧାଳୁ ବାବାଙ୍କ ଠାରେ ପୂଜାର୍ଚ୍ଚନା କରିଥିଲେ। ପ୍ରାୟ ୨୦ ହଜାରରୁ ଅଧିକ ଶ୍ରଦ୍ଧାଳୁ ସମାଗମ ହୋଇଥିଲା। ଅପରାହ୍ନରେ ନୀଳ ପୋଖରୀରୁ ୩ ଟି ସ୍ତମ୍ଭି କାଠକୁ ଉପବୀତଧାରୀ ଭକ୍ତ ଉତ୍ତୋଳନ କରି ମନ୍ଦିର ପରିସରକୁ ନେଇଯାଇଥିଲେ। ମନ୍ଦିର ପୂଜକ ମାନଙ୍କ ଦ୍ୱାରା ସ୍ତମ୍ଭିକାଠକୁ ପୂଜାର୍ଚ୍ଚନା କରାଯାଇଥିଲା। ଶେଷରେ ମହାଦେବଙ୍କ ପାଖରେ ସନ୍ଧ୍ୟା ଆରତି ଅନୁଷ୍ଠିତ ହେବା ସହିତ ଦ୍ୱିତୀୟ ଅର୍ଘ୍ୟ କାର୍ଯ୍ୟ ସମାପନ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟ ବୋର୍ଡର ସମସ୍ତ ସଦସ୍ୟ ତଥା ଗ୍ରାମବାସୀମାନେ ପରିଚାଳନାରେ ସହଯୋଗ କରୁଛନ୍ତି।

# ବିଶ୍ୱ ହୋମିଓପାଥିକ୍ ଦିବସ




ସୋର,୧୨।୪(ସମିସ): ସୋର ହୋମିଓପାଥିକ ରିସର୍ଚ୍ଚ ୟୁନିଟ୍ ପକ୍ଷରୁ ହ୍ୟାନିମାନଙ୍କ ୨୭୨ତମ ଜନ୍ମଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ହ୍ୟାନିମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରାଯାଇ ପ୍ରାରମ୍ଭିକ ସଂଗୀତଗାନ କରାଯାଇଥିଲା। ଡା. ବ୍ରଜେନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ତଥା ଅବସରପ୍ରାପ୍ତ ଏଡିଏମ୍‌ଓ ଡା.ଶଶାଙ୍କ ଶେଖର ଆଚାର୍ଯ୍ୟ, ସମ୍ମାନିତ ଅତିଥିଭାବେ ବାଲେଶ୍ୱର ଜିଲ୍ଲା ମଣ୍ଡଳ ଅଧ୍ୟକ୍ଷ ଡା.ସନ୍ତୋଷ କୁମାର ବେହେରା ଯୋଗଦେଇ ସାମୁଏଲ ହାନିମ୍ୟାନଙ୍କ ଜୀବନ ଆଦର୍ଶ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଡା. ହରେକୃଷ୍ଣ ରାଉତ, ଡା. ଆଲୋକ କୁମାର ଦାସ, ଡା.ଦିବ୍ୟ ଜୀବନ ସାହୁ, ଡା. ଶୁଭ୍ରାଂଶୁ ଶେଖର ସେଠୀ, ଡା.ସୃଷ୍ଟିଧର ପାଢୀ, ଡ଼ା ଗୟାଧର ପାଣିଗ୍ରାହୀ, ଡା.ପ୍ରଦୀପ୍ତ ଚନ୍ଦ୍ର ଦାଶ, ଡା. ନିରଞ୍ଜନ ପୋଥାଳ, ଡା.ତୃପ୍ତିମୟୀ ସେନାପତି, ଡା.ନିରୁପମା ଜେନା, ଡା. ରୁବି ଜେନା, ଡା.ସୁନୀତା ସେନ, ଡା. ଗୁରୁପ୍ରସନ୍ନ ପଣ୍ଡା, ଡା.ସଂଘମିତ୍ରା ବୁଦ୍ଧପ୍ରିୟା ପ୍ରମୁଖ ଯୋଗଦେଇ ଥିଲେ। ସାବିତ୍ରୀ ହୋମିଓ ହଲ, ତାରିଣୀ ହୋମିଓ ହଲ, ସୋର ହୋମିଓ ହଲ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଡା. ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରମିକନେତା ଯୋଗେନ ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର,୧୨।୪(ସମିସ): ଶ୍ରମିକନେତା ସ୍ୱର୍ଗତ ଯୋଗେନ ଦାସଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଷ୍ଟେସନ କ୍ଲବ୍‌ରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ ସଭାରେ ଅଧ୍ୟକ୍ଷତା କରିଥିଲେ। ସ୍ୱର୍ଗତ ଦାସଙ୍କ ବାଲ୍ୟବନ୍ଧୁ ବରିଷ୍ଠ ଆଇନଜୀବୀ ଶରତ ମହାପାତ୍ର, ବାଲେଶ୍ୱର ଓକିଲ ସଂଘର ସଭାପତି ମନୋଜ ନାୟକ ଓ ସମ୍ପାଦକ ସମ୍ବିତ ନନ୍ଦି, କବି ଡ କାଳିପଦ ପଣ୍ଡା, ଡା ଶାନ୍ତନୁ ଦାସ, ଅଧ୍ୟାପକ ଅଭୟ ଦାସ, ପଡ଼ୋଶୀ କାହ୍ନୁଚରଣ ଦାସ, ଅଧ୍ୟାପକ ହରେକୃଷ୍ଣ ପଲେଇ, କବି ଅଭୟ ଦାସ, କନ୍ୟା ଜ୍ୟୋତିର୍ମୟୀ ଦାସ, ମହମ୍ମଦ ଇସଲାମ, ସଂଗ୍ରାମ ମାଝୀ, ବିଧାନ ଚନ୍ଦ୍ର ରାୟ, ଉର୍ମିଳା ମାଝୀ, ସତ୍ୟେନ୍ଦ୍ର ଦାସ, ଜିତେନ୍ଦ୍ର ଉପାଧ୍ୟାୟ, କେଶବ ଆଚାର୍ଯ୍ୟ, ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ ଓ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ତାଙ୍କର ସ୍ମୃତି ଚାରଣ କରିଥିଲେ। ଶ୍ରମିକ ଆନ୍ଦୋଳନରେ ସେ ନେତୃତ୍ୱ ନେଇ ବହୁବାର କାରାବରଣ କରିଥିଲେ। ସେ ଜଣେ ସୁସଂଗଠକ ଓ ସମସ୍ତଙ୍କର ପ୍ରିୟ ମଣିଷ ଥିଲେ ବୋଲି ଅତିଥିମାନେ ମତ ଦେଇଥିଲେ। ଶ୍ରଦ୍ଧାଞ୍ଜଳି ସଭାର ଆୟୋଜକ 'ଯୋଗେନ ଦାସ ସ୍ମୃତି କମିଟି'କୁ ଅତିଥି ଓ ବକ୍ତାମାନେ ଧନ୍ୟବାଦ ଦେଇଥିଲେ। ଏହି ସଭାରେ ବହୁ ଆଇନଜୀବୀ, ଶ୍ରମିକ ସଙ୍ଗଠନର ନେତୃତ୍ୱ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ସ୍ୱର୍ଗତ ଦାସଙ୍କ ପୁତ୍ର, କନ୍ୟା, ଜାମାତା ଓ ଆତ୍ମୀୟ ସ୍ୱଜନ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଥିଲେ। ଶେଷରେ ସ୍ୱର୍ଗତ ଦାସଙ୍କ ଭଣଜା ତାପସ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ବିନା ଶିକ୍ଷକରେ ଚାଲିଛି ସାର୍ଥାଚକ ଉପ୍ରା ବିଦ୍ୟାଳୟ

# ଅନ୍ଧାରରେ ୧୪୦ ବିଦ୍ୟାର୍ଥୀଙ୍କ ଭବିଷ୍ୟତ

ବାଲେଶ୍ୱର ସଦର,୧୨।୪(ସମିସ)



ସ୍କୁଲରେ ନାହାନ୍ତି ଶିକ୍ଷକ, ଅନ୍ଧାରରେ ୧୪୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ଭାଗ୍ୟ। ନିଜ ଭବିଷ୍ୟତ ଗଢ଼ିବା ପାଇଁ ପାଳି କରି ନିଜ ଶ୍ରେଣୀର ସହପାଠୀଙ୍କୁ ପାଠ ପଢ଼ାଉଛନ୍ତି ଛାତ୍ରଛାତ୍ରୀ। ସରକାର ବଦଳିଲେ ବଦଳୁଛନ୍ତି ବିଭାଗୀୟ ଅଧିକାରୀ, ବଦଳୁଛି ବିଦ୍ୟାଳୟର ରୂପରେଖ, ହେଲେ ବଦଳିପାରୁନି ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଭାଗ୍ୟ, ଶିକ୍ଷକ ନିଯୁକ୍ତି ହେଉ ନ ଥିବାରୁ ଶିକ୍ଷକ ଶୂନ୍ୟ ହୋଇ ବନ୍ଦ ହୋଇଯାଉଛି ଅନେକ ବିଦ୍ୟାଳୟ। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ସଦର ବ୍ଲକ୍ ସାର୍ଥାଚକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଏହି ବିଦ୍ୟାଳୟରେ ୧୪୦ରୁ ଅଧିକ ଛାତ୍ରଛାତ୍ରୀ ରହିଥିଲେ ମଧ୍ୟ ନାହାନ୍ତି ଜଣିଏ ହେଲେ ଶିକ୍ଷକ। ଯାହା ଫଳରେ ଅନ୍ଧାର ଭିତରକୁ ଠେଲି ହୋଇ ଯାଉଛି ଏହି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ। ବିଦ୍ୟାଳୟରେ ପଙ୍ଖା ବୁଲୁଛି, ଛାତ୍ରଛାତ୍ରୀ ପାଠ ପଢ଼ିବା ପାଇଁ ନିରବତାର ସହିତ ବସିଛନ୍ତି, ହେଲେ ପାଠ ପଢ଼ାଇବା ପାଇଁ ଶ୍ରେଣୀରେ ଶିକ୍ଷକ ନାହାନ୍ତି। ପିଲାମାନଙ୍କୁ ପଢ଼ାଉଛନ୍ତି ନିଜ ଶ୍ରେଣୀର ସହପାଠୀ, ଶିକ୍ଷାର ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିଛି ଏହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଅବସର ନେଇ ସାରିଥିବାରୁ ପିଲାମାନଙ୍କୁ ପାଠ ପଢ଼ାଇବାରେ ବାଧା ଉପୁଜିଛି।

ସାର୍ଥାଚକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠ ଏବଂ ସପ୍ତମ ଶ୍ରେଣୀରେ ୧୪୦ରୁ ଅଧିକ ଛାତ୍ରଛାତ୍ରୀ ପାଠ ପଢ଼ନ୍ତି, ୧୪୦ ଜଣ ପିଲାଙ୍କ ପାଇଁ ଦୁଇଜଣ ଶିକ୍ଷକ ରହିଥିଲେ। ଗତବର୍ଷ ଜଣେ ଶିକ୍ଷକ ଅବସର ନେଇଥିବାବେଳେ ଗତ ମାର୍ଚ୍ଚ ମାସରେ ଅନ୍ୟ ଜଣେ ଶିକ୍ଷକ ଅବସର ନେଇ ସାରିଛନ୍ତି, ଯାହା ଫଳରେ ବିଦ୍ୟାଳୟ ଏବେ ଶିକ୍ଷକ ଶୂନ୍ୟ ହୋଇଯାଇଛି। ପ୍ରତିଦିନ ଛାତ୍ରଛାତ୍ରୀ ଆସୁଛନ୍ତି ଆଉ ଶିକ୍ଷକ ନ ଥିବାରୁ ନିଜ ସହପାଠୀଙ୍କୁ ପାଳି କରି ପଢ଼ାଉଛନ୍ତି। ଏହି ବିଦ୍ୟାଳୟଠାରୁ ଅନ୍ୟ ବିଦ୍ୟାଳୟକୁ ୬ ରୁ ୭ କିଲୋମିଟର ଦୂର ହୋଇଥିବାରୁ ଭୟରେ ପିଲାମାନଙ୍କୁ ଅନ୍ୟ ସ୍କୁଲକୁ ଛାଡ଼ିବା ପାଇଁ ସାହାସ କରି ପାରୁନାହାନ୍ତି ଅଭିଭାବକ। ତେଣୁ ଶିକ୍ଷକ ନିଯୁକ୍ତି ଦାବିକରି ଗତ ୧ ତାରିଖରେ ଅବିଭାବକ ଓ ଗ୍ରାମବାସୀ ବାଲେଶ୍ୱର ବ୍ଲକ୍ ଶିକ୍ଷାଧିକାରୀ ଏବଂ ଜିଲ୍ଲାପାଳଙ୍କ ସାକ୍ଷାତ କରି ଗୁହାରି କରିଥିଲେ। ମାତ୍ର ସେଥିପ୍ରତି କେହି କର୍ଣ୍ଣପାତ କରୁ ନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ତୁରନ୍ତ ଏହି ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି ହୋଇଛି। ନ ହେଲେ ଆଗାମୀ ଦିନରେ ସମସ୍ତ ଛାତ୍ରଛାତ୍ରୀଙ୍କ ସମେତ ଅବିଭାବକ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବେ ବୋଲି ଚେତାବନୀ ଦେଇଛନ୍ତି। ଘଟଣା ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ ନାୟକଙ୍କୁ ପଚରା ଯିବାରୁ ବର୍ତ୍ତମାନ କାମଚଳା ପାଇଁ ଏହି ବିଦ୍ୟାଳୟର ଦାୟିତ୍ୱ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଦିଆ ଯାଇଥିବା ବେଳେ ଆଗାମୀ ଦିନରେ ଏହି ବିଦ୍ୟାଳୟଟିକୁ ପ୍ରାଥମିକ ବିଦ୍ୟାଳୟ ସହିତ ମିଶ୍ରଣ କରାଯିବ ବୋଲି କହିଛନ୍ତି। ତେବେ ପରିତାପର ବିଷୟ ହେଉଛି ପ୍ରାଥମିକ ବିଦ୍ୟାଳୟରେ ବର୍ତ୍ତମାନ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ପାଖାପାଖି ୧୫୦ ପିଲା ପାଠ ପଢୁଥିବାବେଳେ ସେଠାରେ ମାତ୍ର ତିନିଜଣ ଶିକ୍ଷକ ରହିଛନ୍ତି। ପୁଣି ସେଠାରେ ୧୪୦ ପିଲା ଯୋଗଦେଲେ ପାଠ କେମିତି ପଢ଼ାଯିବ ତାହା ଏବେ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି।

